# भा.कृ.अनु.प – केंद्रीय चावल अनुसंधान संस्थान

## ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**(An ISO 9001: 2015 Certified Institute)**

### କୃଷି ସୂଚନା ସେବା (ଧାନ)

**୨୦୨୬ ମସିହା ଏପ୍ରିଲ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା**

- ବାୟୁମଣ୍ଡଳର ତାପମାତ୍ରା ସାଧାରଣଠାରୁ ଅଧିକ ରହିବ ଓ ଧିରେ ଧିରେ ବଢ଼ିବାର ପୂର୍ବାନୁମାନ ରହିଛି ।ଅଧିକ ତାପମାତ୍ରା ସହିତ ମଝିରେ ମଝିରେ କାଳବୈଶାଖୀ ବର୍ଷାଯୋଗୁଁ ବାଦାମୀ ଗୁଣ୍ଡିପୋକ (ବି.ପି.ଏଚ୍)ବା ଚକଡା ପୋକ ଆକ୍ରମଣର ଅଧିକ ସମ୍ଭାବନା ଅଛି । ବାଦାମୀ ଗୁଣ୍ଡିପୋକର ଆର୍ଥିକଦେହଳୀସୀମା ରେଖା ଅର୍ଥାତ୍ ୫-୧୦ ଗୋଟି ପୋକ ପ୍ରତିବୁଦା ଦେଖାଦେଲେ ନିମ୍ନଲିଖିତ ଉପଦେଶଗୁଡିକ ଧାନରେ ରଖନ୍ତୁ । ଧାନ ଗଛର ସୂକ୍ଷ୍ମ ପରିବେଶକୁ ବଦଳାଇବା ଆବଶ୍ୟକ । ଯେପରିକି ଜମିକୁ କିଛିଦିନ ଆର୍ଦ୍ର ଏବଂ କିଛିଦିନ ଶୁଖିଲା କରିବା ଅର୍ଥାତ୍ ଅଧିକ ସମୟ ପର୍ଯ୍ୟନ୍ତ ଜମିରେ ଠିଆପାଣିରଖନ୍ତୁ ନାହିଁ । ଏହାସତ୍ୱେ ଯଦି ପୋକ ନିୟନ୍ତ୍ରଣ ନହୁଏ ତେବେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ଏକର ପିଛା ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ % ଏସ୍.ସି. ୯୫ ମି.ଲି. କିମ୍ବା ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫୁରାନ୍ ୨୦% ଏସ୍.ଜି. ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏକର ପିଛା ଏସିଫେଟ୍ ୭୫% ଏସ୍. ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡିପୋକ ଲାଗିଥିଲେ କେବଳ ଅନୁମୋଦିତ ଔଷଧ ହିଁ ଉପଯୁକ୍ତ ପରିମାଣର ବ୍ୟବହାର କରନ୍ତୁ ।
- ଯଦି ଗନ୍ଧିପୋକର ଆର୍ଥିକଦେହଳୀସୀମା ଅର୍ଥାତ୍ ବୁଦାପ୍ରତି ୨ରୁ ଅଧିକ ଗନ୍ଧିପୋକ ଦେଖାଯାଏ ତେବେ ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି.୧୦ କି.ଗ୍ରା. ଗୁଣ୍ଡକୁ ପ୍ରତି ଏକର ସକାଳେ ପବନ ବୋହୁ ନଥିବା ସମୟରେ ପ୍ରୟୋଗ କରନ୍ତୁ ।
- ଯଦି କେଣ୍ଡାକଟା ସଂବାଳୁଆ ଦେଖାଯାଏ ତେବେ କ୍ୱିନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତ ଏକର କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରତି ଏକର ସକାଳ ସମୟରେ ଧାନ ଗଛର ମୂଳରେ ସିଂଚନ କରନ୍ତୁ ।
- ଧାନକୁ ବିହନ ହିସାବରେ ବ୍ୟବହାର କରିବାକୁ ଥିଲେ ବିଲରୁ ମିଶା ଧାନ ଗଛଗୁଡିକୁ ଫୁଲ ଉଡାଇବା ସମୟରେ ଭଲଭାବରେ ଦେଖି ବାଛିଦିଅନ୍ତୁ ।
- ଯେତେବେଳେ ଶତକଡ଼ା ୮୦ ରୁ ୮୫ ଭାଗ ଧାନ ପାକଳ ହୋଇଯାଇଥିବ ସେହି ସମୟରେ କାଟନ୍ତୁ । ନଚେତ୍ ଡାଲୁଅ ଧାନରେ ଧାନ ଝଡିଯିବାର ସମ୍ଭାବନା ଅଧିକ ଥାଏ ।
- ଧାନ ସାଇତି ରଖିବା ପାଇଁ ଶୁଖାଇବା ସମୟରେ ଆର୍ଦ୍ରତା ଶତକଡା ୧୪ ଭାଗ ଓ ବିହନ ପାଇଁ ଶତକଡା ୧୨ ରହିବା ଦରକାର । ସେଥିପାଇଁ ଭଲ ଖରାରେ ପ୍ରାୟ ୨ ଦିନ ପର୍ଯ୍ୟନ୍ତ ଶୁଖାଇବା ଆବଶ୍ୟକ ।
- ବର୍ଷାଶ୍ରିତ ଖାଲୁଆ ଜମି ଯେଉଁଠାରେ ଧାନ ଛଟାବୁଣା କରାଯାଏ ଏବଂ ଅନ୍ୟ ଜମିରେ ମାଟିର ବତର ଦେଖି ପ୍ରଥମ ଖରାଟିଆ ଚାଷ କରିଦିଅନ୍ତୁ।
- ବିଭିନ୍ନ ଖ୍ୟାତିସମ୍ପନ୍ନ ଗବେଷଣା ଅନୁଷ୍ଠାନ, କୃଷିବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ କିମ୍ବା କୃଷିବ୍ଲକ୍ ଅଫିସରୁ ମଧ୍ୟବର୍ତ୍ତୀ ଗଭୀର ଜମିପାଇଁ ଉନ୍ନତ ମାନର ବିହନ ( Certified or TL Seed ) ଯଥା ବର୍ଷାଧାନ, ଦୁର୍ଗା, ସି.ଆର୍.ଧାନ ୫୦୧, ଶାରଳା, ଗାୟତ୍ରୀ ଏବଂ ନୂତନ ଭାବେ ବିକଶିତ ହୋଇଥିବା କିସମ ଯଥା ସି.ଆର୍.ଧାନ ୫୧୦, ସି.ଆର୍.ଧାନ ୫୧୧, ସି.ଆର୍.ଧାନ ୫୧୨ ଇତ୍ୟାଦି

ବିହନ ସଂଗ୍ରହ କରି ରଖନ୍ତୁ । ଗଭୀର ଖାଲୁଆ ଜମି ପାଇଁ ଉନ୍ନତ ମାନର ବିହନ ଯଥା ସି.ଆର୍.ଧାନ ୫୦୦, ସି.ଆର୍.ଧାନ ୫୦୨ (ଜୟନ୍ତୀ ଧାନ), ସି.ଆର୍.ଧାନ ୫୦୩(ଜଳମଣି), ସି.ଆର୍.ଧାନ ୫୦୫ ଓ ସି.ଆର୍.ଧାନ ୫୦୭(ପ୍ରଶାନ୍ତ), ସି.ଆର୍.ଧାନ ୫୦୮ ଇତ୍ୟାଦି ସଂଗ୍ରହ କରି ନିଅନ୍ତୁ ।

- ସେହିପରି ଡ୍ରିପ ଜମି ପାଇଁ ମାଟିର ବତର ଦେଖି ଉତ୍‌କୃଷ୍ଟ ମାନର ସଅଳ କିସମ ବିହନ ଯଥା ବନ୍ଦନା, ଅଂଜଳୀ, ସତ୍ୟଭାମା, ହୀରା, ଖଣ୍ଡଗିରି, ପାରିଜାତ ଏବଂ ନୂତନ ଭାବେ ବିକଶିତ ହୋଇଥିବା କିସମ ଯଥା ସି.ଆର୍.ଧାନ ୧୦୧ (ଅଙ୍କିତ), ସି.ଆର୍.ଧାନ-୧୦୨, ସି.ଆର୍.ଧାନ ୮୦୭, ସଚଳା ଇତ୍ୟାଦି ଉନ୍ନତ ମାନର ବିହନ ନିକଟସ୍ଥ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନରୁ ସଂଗ୍ରହ କରିନିଅନ୍ତୁ ।
- ଜଳସେଚିତ ମଧ୍ୟମ କିସମର ଜମି ପାଇଁ ସି.ଆର୍.ଧାନ-୩୦୭, ସି.ଆର୍.ଧାନ ୩୧୦, ସି.ଆର୍.ଧାନ-୩୧୧ ଏବଂ ନୂତନ ଭାବେ ବିକଶିତ ହୋଇଥିବା କିସମ ଯଥା ସି.ଆର୍.ଧାନ ୩୧୨, ସି.ଆର୍.ଧାନ ୩୧୪, ସି.ଆର୍.ଧାନ ୩୧୫, ସି.ଆର୍.ଧାନ ୩୧୬, ସି.ଆର୍.ଧାନ ୩୧୭, ସି.ଆର୍.ଧାନ ୩୨୧, ସି.ଆର୍.ଧାନ ୩୨୪, ସି.ଆର୍.ଧାନ ୩୨୬, ସି.ଆର୍.ଧାନ ୩୨୯, ସି.ଆର୍.ଧାନ ୩୩୧, ସି.ଆର୍.ଧାନ ୮୦୪, ସି.ଆର୍.ଧାନ ୮୦୫ ଇତ୍ୟାଦି ଉନ୍ନତ ମାନର ବିହନ କିସମ ବନ୍ଦୋବସ୍ତ କରନ୍ତୁ । ସ୍ୱଳ୍ପଗଭୀର ଖାଲୁଆ ଜମିରେ ରୁଆ ଧାନ କରୁଛନ୍ତି ସେମାନେ ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ୍-୧, ପୂଜା, କିମ୍ବା ସି.ଆର୍.ଧାନ ୮୦୦, ସି.ଆର୍.ଧାନ ୮୦୧, ସି.ଆର୍.ଧାନ ୮୦୨, ସି.ଆର୍.ଧାନ ୮୦୩(ପୂଜା ସବ୍-୧), ସି.ଆର୍.ଧାନ ୪୦୮, ସି.ଆର୍.ଧାନ ୪୦୯, ସି.ଆର୍.ଧାନ ୪୧୦, ସି.ଆର୍.ଧାନ ୪୧୧ ଇତ୍ୟାଦି କିସମ ଭରସାଯୋଗ୍ୟ ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ବ୍ଲକ୍ ଅଫିସରୁ ବନ୍ଦୋବସ୍ତ କରନ୍ତୁ ।
- ଉପକୂଳବର୍ତ୍ତୀ ଲୁଣି ଜମି ପାଇଁ ଲବଣ ସହଣକ୍ଷମ ଧାନ ବିହନ ଯଥା ସି.ଆର୍.ଧାନ ୪୦୫(ଲୁଣା ସଂଖୀ), ସି.ଆର୍.ଧାନ ୪୦୩ (ଲୁଣା ସୁବର୍ଣ୍ଣା), ସି.ଆର୍.ଧାନ ୪୧୨, ସି.ଆର୍.ଧାନ ୪୧୪, ଲୁଣା ବରିଆଲ୍ ଏବଂ ଲୁଣିଶ୍ରୀ ବିହନ ସଂଗ୍ରହ କରିରଖନ୍ତୁ । ଶଙ୍କରଜାତୀୟ ଧାନ ଚାଷ କରିବା ପାଇଁ ଇଚ୍ଛୁକ ଥିବା ଚାଷୀଭାଇମାନେ ଉନ୍ନତମାନର ବିହନ ଯଥା ଅଜୟ, ରାଜଲକ୍ଷ୍ମୀ, ସି.ଆର.ଧାନ ୭୦୧, ସି.ଆର.ଧାନ ୭୦୨, ସି.ଆର.ଧାନ ୭୦୩ ଇତ୍ୟାଦି ବିହନ ବିଭିନ୍ନ ନିର୍ଭର ଯୋଗ୍ୟ ଅନୁଷ୍ଠାନରୁ ସଂଗ୍ରହ କରି ରଖନ୍ତୁ ।
- ବନ୍ୟା ପ୍ଲାବିତ ମଧ୍ୟମ ଖାଲୁଆ ଜମିରେ ବନ୍ୟାଜଳ ସହଣୀକିସମ ଯଥା ସ୍ୱର୍ଣ୍ଣସବ୍ -୧, ରଞ୍ଜିତ୍ ସବ୍-୧, ବାହାଦୁର୍ ସବ୍-୧, ବୀଣାଧାନ-୧୧ ଏବଂ ଶାମ୍ଭାମସୁରୀ ସବ୍-୧ ଏବଂ ମଧ୍ୟମ ଗହୀର ଜମିରେ ସି.ଆର୍.- ୧୦୦୯ ସବ୍-୧ କିସମ ଲଗାନ୍ତୁ ।
- ମରୁଡି ହେଉଥିବା ଅଂଚଳରେ ମରୁଡି ସହଣୀଶକ୍ତି ଥିବା କିସମ ଯଥା ସହଭାଗୀ ଧାନ, ଡି.ଆର୍.ଆର୍.- ୪୨, ଡି.ଆର୍.ଆର୍.- ୪୪, ବି.ଆର୍.ଆର୍.ଆଇ ଧାନ-୭୧, ସ୍ୱର୍ଣ୍ଣଶ୍ରେୟା ଇତ୍ୟାଦି ବିହନ ବ୍ୟବହାର କରନ୍ତୁ ।
- ରୁଆଧାନ ବିଲରେ ସବୁଜ ଖତ ହିସାବରେ ଧଣିଚା ଚାଷ କରିବା ପାଇଁ ବିଶ୍ୱାସଯୋଗ୍ୟ ସଂସ୍ଥା / ଦୋକାନରୁ ଭଲ ଧଣିଚା ମଞ୍ଜି ସଂଗ୍ରହ କରନ୍ତୁ ।

************